ପ୍ରେସ୍ ନୋଟ୍

## ନିର୍ବାଚନ ପରେ EVM ଓ VVPAT କୁ ସୁରକ୍ଷିତ ଭାବେ ସିଲ୍ କରାଗଲା ।

ଅନୁଗୋଳ,ତା.୩୦.୫:- ନିର୍ବାଚନରେ ବ୍ୟବହାର ହୋଇଥିବା ୧୧୬୩ଟି କଣ୍ଟ୍ରୋଲ ୟୁନିଟ୍, ୧୧୬୩ଟି ବାଲାଟ୍ ୟୁନିଟ୍ ଓ ୧୧୬୩ଟି VVPAT କୁ ଆଜି ସୌଭାଗ୍ୟନଗର ସ୍ଥିତ ଗୃହରକ୍ଷୀ କାର୍ଯ୍ୟାଳୟ ପାର୍ଶ୍ୱରେ ନବ ନିର୍ମିତ ସ୍ୱତନ୍ତ୍ର ଗୃହରେ ସିଲ୍ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଓ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି EVM ଓ VVPAT କୁ ସିଲ୍ କରାଯାଇ ସୁରକ୍ଷିତ ଭାବେ ରଖାଗଲା । ୫ଟି ବିଧାନସଭା ଓ ୨ଟି ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବ୍ୟବହାର ହୋଇଥିବା ଏହି EVM ଓ VVPAT ର ସୁରକ୍ଷା ନିମନ୍ତେ ୧୨ଟି କୋଠରୀର ବିଦ୍ୟୁତ୍ ସଂଯୋଗ କାଟିବା ସହ ସୁରକ୍ଷା କର୍ମୀ ମୁତୟନ କରାଯାଇଛି । ଗତକାଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ୭ଟି ଗୃହର ସିଲ୍ କାର୍ଯ୍ୟକୁ ତଦାରଖ କରିଥିବା ବେଳେ ଆଜି ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଶିଷ୍ଟ ୫ଟି କୋଠରୀର ସିଲ୍ କାର୍ଯ୍ୟକୁ ତଦାରଖ କରିଛନ୍ତି । ଏହି EVM ଓ VVPAT ସିଲ୍ କାର୍ଯ୍ୟ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ଶ୍ରୀ ଦୈତ୍ରୁରା ଡିପ୍, ଡେପୁଟୀ କଲେକ୍ଟର (ନିର୍ବାଚନ) ଶ୍ରୀ ଲମ୍ବୋଦର ମାରାଣ୍ଡି, ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଷ କୁମାର ଶତପଥି,ବିଜୁ ଜନତା ଦଳର ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ ଓ ବହୁଜନ ସମାଜ ପାର୍ଟିର ଶ୍ରୀ କୁମୁଦ ଚନ୍ଦ୍ର ନାୟକଙ୍କ ସମେତ ସୁରକ୍ଷା କର୍ମୀମାନେ ଉପସ୍ଥିତ ଥିଲେ । ପ୍ରକାଶଥାଉକି ୨ ଏକର ୩୦ ଡେସିମିଲ୍ ଯାଗା ମଧ୍ୟରେ ନିର୍ମିତ ହୋଇଥିବା ଏହି ଷ୍ଟ୍ରଙ୍ଗରୁମ୍ ପାଇଁ ନିର୍ବାଚନ କମିଶନ ୩ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଆସନ୍ତା ନିର୍ବାଚନ ସମୟରେ ଏହି ସ୍ଥାନରେ ଷ୍ଟ୍ରଙ୍ଗରୁମ୍ ସହ ଭୋଟ ଗଣନା କେନ୍ଦ୍ର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି ।


60- TALCHER
AC
ROOM NO-08


60- TALCHER AS
OF
09- DHENKANAL PC
ROOM NO-07